## ସଂକ୍ଷେପରେ

### ଭାଜପା ପ୍ରାର୍ଥୀଙ୍କ ବିରୋଧରେ ଟଙ୍କା ହଡ଼ପ ଅଭିଯୋଗ

#### ଭିଜିଲାନ୍ସ ତଦନ୍ତ ଦାବି କଲା ବିଜେଡି

ନନ୍ଦାହାଣ୍ଡି,୧୫।୨(ଡି.ଏନ୍.ଏ.)- ଆରୋପ ପ୍ରତ୍ୟାରୋପରେ ସରଗରମ ନନ୍ଦାହାଣ୍ଡି ରାଜନୀତି। ନନ୍ଦାହାଣ୍ଡି ଜୋନ୍-୨ର ଭାଜପା ଜିଲା ପରିଷଦ ପ୍ରାର୍ଥୀ ବୃନ୍ଦାବନ ନାୟକଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଛନ୍ତି ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଅର୍ଜୁନ ତ୍ରିପାଠୀ। ବୃନ୍ଦାବନଙ୍କ ସ୍ତ୍ରୀ ଧଣ୍ଡରା ସରପଞ୍ଚ ଥିବା ସମୟରେ ଉଭୟେ ଅନେକ ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗ କରିଛନ୍ତି ଅର୍ଜୁନ। ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଟଙ୍କା ନ ଦେଇ ସେସବୁକୁ ବୃନ୍ଦାବନ ଓ ତାଙ୍କ ସ୍ତ୍ରୀ ଆତ୍ମସାତ୍ କରିଥିବା ନେଇ ତଦନ୍ତ ଚାଲିଥିବା ଅର୍ଜୁନ ସୂଚନା ଦେଇଛନ୍ତି। ବୃନ୍ଦାବନ ତାଙ୍କ ସ୍ତ୍ରୀଙ୍କ ଜାଲ୍ ଦସ୍ତଖତ କରି ଦୁର୍ନୀତି କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ବୃନ୍ଦାବନଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ହେଉ ବୋଲି ଅର୍ଜୁନ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ବୃନ୍ଦାବନଙ୍କ ପ୍ରତିକ୍ରିୟା ନେବା ବେଳେ ସେ କୌଣସି ସ୍ପଷ୍ଟ ଉତ୍ତର ଦେଇ ନ ଥିଲେ। ନିର୍ବାଚନର ଠିକ୍ ପୂର୍ବରୁ ଏଭଳି ଅଭିଯୋଗ ଲୋକଲୋଚନକୁ ଆସିବା ପରେ ବୃନ୍ଦାବନ ସ୍ଥାନୀୟ ଭୋଟରଙ୍କ ଆସ୍ଥା ଭାଜନ ହେବା ନେଇ ସନ୍ଦେହ ଦେଖାଦେଇଛି।

### ମଣ୍ଡି ପଡ଼ିଆରେ କଂଗ୍ରେସର ସଭା



ନବରଙ୍ଗପୁର/ପାପଡ଼ାହାଣ୍ଡି,୧୫।୨ (ବି.ପ୍ର./ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ମଣ୍ଡି ପଡ଼ିଆରେ ମଙ୍ଗଳବାର କଂଗ୍ରେସର ଏକ ବିରାଟ ସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଦଳିତ ନେତା ଚରଣଜିତ ସିଂ ଚନ୍ନିଙ୍କୁ କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଥିବାରୁ ଦଳୀୟ ନେତା ଓ କର୍ମୀମାନେ ରାହୁଲ ଗାନ୍ଧୀଙ୍କୁ କୃତଜ୍ଞତା ଜଣାଇ ଏହି ସଭା କରିଥିଲେ। ଏହି ସଭାରେ ଏସ୍‌ଟି ସେଲ୍ ସଭାପତି ଭୁଜବଳ ମାଝି, ଏସ୍‌ସି ସେଲ୍ ସଭାପତି ବାଙ୍କନିଧି ବେହେରା, ମାଇନୋରିଟି ସେଲ୍ ସଭାପତି ଜିଆ ଉଲ୍ ହକ, ଏଆଇସିସି ସଭ୍ୟ ମନସା ତ୍ରିପାଠୀ, ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ତ୍ରିପାଠୀ, ଉପସଭାପତି ମେଘନାଦ ବିଷୋୟୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟ କରିବା ଲାଗି କହିଥିଲେ। ପାପଡ଼ାହାଣ୍ଡି ଜିଲା ପରିଷଦ ଜୋନ୍-୨ ପ୍ରାର୍ଥୀ ଲିପିକା ମାଝିଙ୍କୁ ଭୋଟ ଦେବାକୁ ଅତିଥିମାନେ କହିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି ସମ୍ପର୍କରେ ଅତିଥିମାନେ କହିଛନ୍ତି। ଶାସକ ଦଳ ନେତା ଲୋକଙ୍କୁ ଶାଢ଼ି, ଟଙ୍କା ଆଦି ପ୍ରଲୋଭନ ଦେଖାଇ ଭୋଟ ଭିକ୍ଷା କରୁଛନ୍ତି। ପଞ୍ଚାୟତ ନିର୍ବାଚନରେ ଲୋକେ ଏହାର ଉଚିତ ଜବାବ ଦେବେ ବୋଲି କହିଥିଲେ। ଏହି ଅବସରରେ ୧୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ପ୍ରଦେଶ କଂଗ୍ରେସ କମିଟି ଆନୁକୂଲ୍ୟରେ ଏହି ସଭାର ଆୟୋଜନ ହୋଇଥିବା ବେଳେ ଏସ୍‌ଟି ଓ ଏସ୍‌ସି ଭୋଟ ହାତେଇବା ହେଉଛି ସଭାର ଉଦ୍ଦେଶ୍ୟ।

# ଆଜି ନିର୍ବାଚନ, ବୁଥ୍‌ରେ ପହଞ୍ଚିଲେଣି ପୋଲିଂ ପାର୍ଟି

ଝରିଗାଁ, ୧୫।୨(ସ୍ୱ.ପ୍ର.)

■ ମାଓବାଦୀ ଅଞ୍ଚଳରେ କୋମ୍ବିଂ କଡ଼ାକଡ଼ି
■ ଝରିଗାଁରେ ୨ ପିଙ୍କ୍ ବୁଥ୍

ନବରଙ୍ଗପୁର ଜିଲା ଝରିଗାଁରେ ବୁଧବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ। ୨୫୭ ବୁଥ୍‌ରେ ଭୋଟର ନିଜର ମତ ସାବ୍ୟସ୍ତ କରିବେ। ଝରିଗାଁ ପଞ୍ଚାୟତର ସୋରିଷଭଟ୍ଟା ଏବଂ ନୂଆଁଗୁଡା ଗ୍ରାମରେ ପିଙ୍କ୍ ବୁଥ୍ ପ୍ରସ୍ତୁତ କରାଯାଇଛି। ଏହି ବୁଥ୍‌ରେ ମହିଳା ପ୍ରିଜାଇଡିଂ ଅଫିସର, ପ୍ରଥମ ଓ ଦ୍ୱିତୀୟ ପୋଲିଂ ଅଫିସର ଏବଂ ମହିଳା ପୋଲିସ କର୍ମଚାରୀ ନିୟୋଜିତ କରାଯାଇଛି। ନବରଙ୍ଗପୁର ଏସ୍‌ପି ପି.ଏସ୍. ପରଷୋତ୍ତମ ଦାସ, ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ, ଝରିଗାଁରେ ପହଞ୍ଚି ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି।

ବୁଧବାର ସକାଳ ୭ରୁ ଦିନ୧ଟା ପର୍ଯ୍ୟନ୍ତ ମତଦାନ ହେବ। ବ୍ଲକର ୨୫୭ ବୁଥ୍ ପାଇଁ ୨୮୩ ଜଣ ପ୍ରିଜାଇଡିଂ ଅଫିସର, ଫାଷ୍ଟ ପୋଲିଂ ଅଫିସର ଏବଂ ସେକେଣ୍ଡ ପୋଲିଂ ଅଫିସର ନିୟୋଜିତ ହୋଇଛନ୍ତି। ପୋଲିଂ ପାର୍ଟି ସ୍ଥାନୀୟ ସରକାରୀ ନୋଡାଲ ପଞ୍ଚାୟତ ହାଇସ୍କୁଲ ପଡ଼ିଆରୁ ବାଲଟ୍ ବାକ୍ସ, ବାଲଟ୍ ପେପର ସହ ସମସ୍ତ ଆବଶ୍ୟକ ସରଞ୍ଜାମ ନେଇ ସେମାନଙ୍କୁ ଆଲଟ୍ ହୋଇଥିବା ବୁଥ୍‌କୁ ଯାଇଛନ୍ତି। ଝରିଗାଁରେ ୩୭ ବୁଥ୍ ମାଓବାଦୀପ୍ରବଣ, ୮୯ ବୁଥ୍ ସମ୍ବେଦନଶୀଳ ଏବଂ ୫ ବୁଥ୍‌କୁ ଅତି ସମ୍ବେଦନଶୀଳ ଅଞ୍ଚଳଭାବେ ଚିହ୍ନଟ କରାଯାଇଛି। ୧୫ ଦିନ ପୂର୍ବରୁ ଉକ୍ତ ଅଞ୍ଚଳରେ କୋମ୍ବିଂ କଡ଼ାକଡ଼ି କରାଯାଇଛି। ଶୃଙ୍ଖଳିତ ମତଦାନକୁ ଗୁରୁତ୍ୱ ଦିଆଯାଉଛି ବୋଲି ନବରଙ୍ଗପୁର ଏସ୍‌ପି କହିଛନ୍ତି। ପୋଲିସ ବିଭାଗ ପକ୍ଷରୁ ୧ ପ୍ଲାଟୁନ୍ ଆଇଆର୍‌ବି, ୨ ପ୍ଲାଟୁନ୍ ଡିଭିଏଫ୍, ୧ ପ୍ଲାଟୁନ୍ ଏସ୍‌ଓଜି ଏବଂ ୧୬ଟି ମୋବାଇଲ ପାର୍ଟି ରହିଥିବା ଥାନାଧିକାରୀ ନଟବର ନନ୍ଦ ସୂଚନା ଦେଇଛନ୍ତି। ଅତିରିକ୍ତ ଏସ୍‌ପି ଜୟକୃଷ୍ଣ ବେହେରା, ଡିଏସ୍‌ପି ବବିତା ତ୍ରିପାଠୀ, ଏସ୍‌ଡିପିଓ ଦିନେଶ ଚନ୍ଦ୍ର ନାଏକ ପ୍ରମୁଖ ପୋଲିସ କାର୍ଯ୍ୟ ତଦାରଖ କରୁଛନ୍ତି।



ବୁଥ୍‌କୁ ଯିବା ପୂର୍ବରୁ ପୋଲିଂ ଅଫିସରମାନେ ସେମାନଙ୍କୁ ମିଳିଥିବା ବାଲଟ ପେପର ଯାଞ୍ଚ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରେଳ ବିକାଶ ମଞ୍ଚର ଦାବିପତ୍ର

ଗୁଣପୁର, ୧୫।୨(ଡି.ଏନ୍.ଏ.)

ଗୁଣପୁର-ଥେରୁବାଲି ରେଳପଥ ସଂଯୋଗୀକରଣ କାର୍ଯ୍ୟ ତ୍ୱରାନ୍ୱିତ ସହ ୬ ଦଫା ଦାବି ନେଇ ରେଳ ବିକାଶ ମଞ୍ଚ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ମଙ୍ଗଳବାର ଉପଜିଲାପାଳଙ୍କ ଜରିଆରେ ଡେପୁଟି କଲେକ୍ଟର ନିରଞ୍ଜନ ନାୟକଙ୍କୁ ପ୍ରଦାନ କରିଛି। ଗୁଣପୁର-ଥେରୁବାଲି ରେଳପଥ ସକାଶେ ରାଜ୍ୟ ସରକାର ମାଗଣା ଜମି ଦେବାକୁ କହିଥିଲେ ମଧ୍ୟ ପ୍ରକଳ୍ପର ଅଧା ଖର୍ଚ୍ଚ ବହନ ନେଇ କୌଣସି ମତ ରଖିନାହାନ୍ତି। ଫଳରେ ଏହି ପ୍ରକଳ୍ପର ଭାଗ୍ୟ ଅନିଶ୍ଚିତତା ମଧ୍ୟକୁ ଠେଲିହୋଇଯାଇଛି। ରାଜ୍ୟ ସରକାର ପ୍ରକଳ୍ପର ଅଧା ଖର୍ଚ୍ଚ ବହନ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ ହୋଇଛି। ସେହିପରି ଗୁଣପୁର ଷ୍ଟେଶନରେ ପ୍ଲାଟ୍‌ଫର୍ମର ଉଚ୍ଚତା ବୃଦ୍ଧି, ପଲାସା-ଗୁଣପୁର ପଲାସା ଟ୍ରେନ୍‌କୁ ପୁନଃ ଚଳାଚଳ, ଗୁଣପୁର ଷ୍ଟେଶନରେ ଦ୍ୱିତୀୟ ପ୍ଲାଟ୍‌ଫର୍ମ ନିର୍ମାଣ, ରାଉରକେଲା-ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସର ଦୈନିକ ଚଳାଚଳ, ଭୁବନେଶ୍ୱର-ପଲାସା ମେମୁ ଟ୍ରେନ୍‌କୁ ଗୁଣପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ରେଳ ବିକାଶ ମଞ୍ଚ ଆବାହକ ଜଗଦୀଶ ସାହୁ, ଗୋପାଳକୃଷ୍ଣ ପାଣିଗ୍ରାହୀ, ପବିତ୍ର ମୋହନ ସାହୁ, ପବିତ୍ର ନାୟକ ଏବଂ ବୃନ୍ଦାବନ ଶବର ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରର ନକଲ ୫-ଟି ସଚିବ ଏବଂ ପରିବହନ ମନ୍ତ୍ରୀଙ୍କୁ ମଧ୍ୟ ପଠାଯାଇଛି।

## ବିଜେଡି, କଂଗ୍ରେସକୁ ସୁହାଇବ ସ୍ୱାଧୀନ ପ୍ରାର୍ଥୀଙ୍କ ଭୋଟ ବିଭାଜନ

ନବରଙ୍ଗପୁର,୧୫।୨(ବି.ପ୍ର.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ରହିଛି ଦୁଇଟି ଜିଲା ପରିଷଦ ଜୋନ୍। ଉଭୟ ଜୋନ୍‌ରେ କଂଗ୍ରେସ, ଭାଜପା, ବିଜେଡି ଓ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଡାବୁଗାଁ ଜୋନ୍ ୧ ଓ ୨ରେ ରହିଥିବା ସ୍ୱାଧୀନ ପ୍ରାର୍ଥୀଙ୍କ ଭୋଟ ବିଭାଜନ କଂଗ୍ରେସ ଓ ବିଜେଡିକୁ ସୁହାଇବ। ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ଜିଲାସ୍ତରୀୟ ବରିଷ୍ଠ କର୍ମକର୍ତ୍ତାଙ୍କ ପ୍ରଚାର ପ୍ରସାର ସେତେଟା ନ ଥିବା ଦ୍ୱାରା ଭାଜପା ତୃତୀୟ ସ୍ଥାନରେ ରହିବ ବୋଲି ଆଶଙ୍କା କରାଯାଉଛି। ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ବିଧାୟକ ମନୋହର ରନ୍ଧାରୀ ପ୍ରଚାର ମଇଦାନରେ ଥିବାରୁ ସମର୍ଥକଙ୍କ ଭିଡ଼ ରହିଛି। ସେହିଭଳି ପୂର୍ବତନ ବିଧାୟକ ଭୁଜବଳ ମାଝି କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଚଳାଇଛନ୍ତି। ବିଧାୟକ ଓ ପୂର୍ବତନ ବିଧାୟକ ଜଣେ ଜଣେ ପୁରୁଖା ରାଜନୈତିକ ବ୍ୟକ୍ତି। ପଞ୍ଚାୟତସ୍ତରରୁ ସାଧାରଣ ନିର୍ବାଚନଗୁଡ଼ିକ ପରିଚାଳନା କରୁଥିବା ଯୋଗୁ ବିଜେଡି ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହେବ। କଂଗ୍ରେସ ପକ୍ଷରୁ କମୁଲୁ ଭତରା, ବିଜେଡିର ଧନସିଂ ଭତରା, ଭାଜପାର ବିଶ୍ୱନାଥ ମାଝି ଓ ସ୍ୱାଧୀନ ପ୍ରାର୍ଥୀ ସତମନ ପୂଜାରୀ ଜୋନ୍-୧ରେ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ଗୁପ୍ତ ବିଷୋୟୀ, ଭାଜପାର ଗୋବିନ୍ଦଗୋପାଳ ଅଗ୍ରୱାଲ, କଂଗ୍ରେସର ଧର୍ମାନନ୍ଦ ନାୟକ ଓ ସ୍ୱାଧୀନ ପ୍ରାର୍ଥୀ ତାରାପ୍ରସାଦ ପାଣିଗ୍ରାହୀ ଜୋନ୍-୨ରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଜୋନ୍-୧ରେ ୭ ପଞ୍ଚାୟତରେ ୮୦ ୱାର୍ଡର ୨୪,୩୩୫ ଭୋଟର ଓ ଜୋନ୍-୨ରେ ୫ ପଞ୍ଚାୟତର ୬୧ ୱାର୍ଡର ୨୦,୩୧୩ ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ।

## ୨ ଅଭିଜ୍ଞ, ଜଣେ ନବାଗତଙ୍କ ମଧ୍ୟରେ ଲଢ଼େଇ

ନନ୍ଦାହାଣ୍ଡି, ୧୫।୨(ଡି.ଏନ୍.ଏ.)

**ନନ୍ଦାହାଣ୍ଡି ଜୋନ୍-୨**

ପଞ୍ଚାୟତ ନିର୍ବାଚନ ଯେତିକି ପାଖେଇ ଆସୁଛି ସେତିକି ସରଗରମ ହେଉଛି ନନ୍ଦାହାଣ୍ଡି ରାଜନୀତି। ଭିନ୍ନ ଭିନ୍ନ ପ୍ରସଙ୍ଗକୁ ନେଇ ହେଉଥିବା ରାଜନୈତିକ ଲଢେଇରେ ପରସ୍ପରକୁ ଟକ୍କର ଦେଉଛନ୍ତି ଦଳ। ବିଶେଷକରି ନନ୍ଦାହାଣ୍ଡି ବ୍ଲକ ଜୋନ୍-୨ରେ ତ୍ରିମୁଖୀ ଲଢ଼େଇ ହେବ। ବିଜେଡି ପ୍ରାର୍ଥୀ ଅରୁଣ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଓ ଦଳର ଜନକଲ୍ୟାଣକାରୀ ଯୋଜନା ଆଧାରରେ ନିର୍ବାଚନ ବୈତରଣୀ ପାର ହେବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଅରୁଣଙ୍କ ପାଇଁ ଦଳର ହେଭିୱେଟ୍ ନେତା ତଥା ନବରଙ୍ଗପୁର ଏମ୍‌ପି ରମେଶ ମାଝି, ରାଜ୍ୟ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ ମାଝି ଓ ବିଧାୟକ ସଦାଶିବ ପ୍ରଧାନୀ ପ୍ରମୁଖ ପ୍ରଚାର ମଇଦାନ ସମ୍ଭାଳୁଛନ୍ତି। ସେହିଭଳି ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ମିଶିଥିବା ପ୍ରାର୍ଥୀ ବୃନ୍ଦାବନ ନାୟକ ରାଜ୍ୟ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତିକୁ ନିର୍ବାଚନୀ ପ୍ରସଙ୍ଗ କରିଛନ୍ତି। ପୂର୍ବରୁ ଏହି ଜୋନ୍‌ରେ ଭାଜପାର ଜିଲା ପରିଷଦ ପ୍ରାର୍ଥୀ ବିଜୟୀ ହୋଇଥିବାରୁ ଦଳର ଆତ୍ମବିଶ୍ୱାସ ଅଧିକ ରହିଛି। ଜିଲା ଭାଜପା ସଭାପତି ଜଗଦୀଶ ବିଷୋୟୀ ଓ ରାଜ୍ୟ ଭାଜପା କାର୍ଯ୍ୟ କାରିଣୀ ସଦସ୍ୟ ଗୌରୀ ମାଝି ପ୍ରମୁଖ ପ୍ରଚାର ମଙ୍ଗ ଧରିଛନ୍ତି। କିନ୍ତୁ ପ୍ରଚାରରେ ସେଭଳି କୌଣସି ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖିବାକୁ ମିଳିନାହିଁ। ଉଭୟ ନବୀନ ଏବଂ ମୋଦିଙ୍କ ଗରିବ ମାରଣ ନୀତିକୁ ଲୋକଙ୍କ ଆଗରେ ଉପସ୍ଥାପନା କରୁଛି କଂଗ୍ରେସ। କଂଗ୍ରେସ ତାରାପ୍ରସାଦ ବାହିନୀପତିଙ୍କୁ ଷ୍ଟାର ପ୍ରଚାରକର ଦାୟିତ୍ୱ ଦେଇଛି। ବିଜେଡି ଏମ୍‌ପି, ବିଧାୟକ ଓ ବରିଷ୍ଠ ନେତା ସଭାସମିତି, ବାଇକ୍ ଶୋଭାଯାତ୍ରାକୁ ଗୁରୁତ୍ୱ ଦେଇ ଗାଁ ଗାଁ ବୁଲି ପ୍ରଚାର ଚଳାଇଛନ୍ତି। କିନ୍ତୁ ଭାଜପା ଦୁର୍ନୀତି ପ୍ରସଙ୍ଗକୁ ଭିତ୍ତିକରି ଏକପାଖିଆ ବିଜୟ ନେଇ ଦୃଢ଼ୋକ୍ତି ପ୍ରକାଶ କରି ନିଶ୍ଚିନ୍ତରେ ଥିବା ଭଳି ମନେହେଉଛି। ଭାଜପା ହାଇଭୋଲ୍‌ଟେଜ ପ୍ରଚାର ଚଳାଇନାହିଁ। ଯୁବ ମତଦାତା ବିଜେଡିର ଅରୁଣଙ୍କୁ ସମର୍ଥନ କରୁଥିବାବେଳେ ୨ଥର ସରପଞ୍ଚ ଥିବାରୁ ନିଜ ପୁରୁଣା ସମର୍ଥକଙ୍କ ଭୋଟ ଆଶାରେ ଅଛନ୍ତି ଭାଜପାର ବୃନ୍ଦାବନ। ସେପଟେ ପୂର୍ବରୁ ସମିତିସଭ୍ୟ ଥିବା କଂଗ୍ରେସ ପ୍ରାର୍ଥୀଙ୍କର ବି ପୁରୁଣା ସମର୍ଥକ ଥିବାରୁ ଅନ୍ୟ ପ୍ରାର୍ଥୀଙ୍କୁ ଭୋଟ ନେବାରେ ଅଡୁଆରେ ପକାଉଛନ୍ତି।

## ୪୫ ଦିନ ଧରି ଚିକିତ୍ସାଧୀନ ଯୁବତୀଙ୍କ ମୃତ୍ୟୁ

ଗୁଣପୁର,୧୫।୨(ଡି.ଏନ୍.ଏ.)-

ରାୟଗଡ଼ା ଜିଲା ଗୁଣପୁର ସହର ମର୍ଣ୍ଣି ସାହିରେ ଡିସେମ୍ବର ୩୦ ସନ୍ଧ୍ୟାରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଯୁବତୀ ଭିପ୍ରିୟଙ୍କା ଗୁରୁତର ହୋଇଥିଲେ। ବିଶାଖାପାଟଣାରେ ୪୫ ଦିନ ଧରି ଚିକିତ୍ସାଧୀନ ଥିବାବେଳେ ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ତାଙ୍କର ବିଶାଖାପାଟଣାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସୂଚନାଯୋଗ୍ୟ, ଡିସେମ୍ବର ୩୦ ସନ୍ଧ୍ୟାରେ ମର୍ଣ୍ଣି ଷ୍ଟ୍ରିଟ୍‌ରେ ରହୁଥିବା ଭିପ୍ରିୟଙ୍କାଙ୍କୁ ଆନ୍ଧ୍ର ପ୍ରଦେଶ ଆମ୍ଦଲୱାଲସା ଗ୍ରାମର ଜାମିସାଗର(୨୨)ଆକ୍ରମଣ କରିବା ସହ ସେ ମଧ୍ୟ ଗୁରୁତର ହୋଇଥିଲେ। ଉଭୟଙ୍କୁ ଘରୁ ଉଦ୍ଧାର କରାଯାଇ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରିୟଙ୍କାଙ୍କ ପେଟରେ ଶକ୍ତ ଆଘାତ ଲାଗିଥିବା ଏବଂ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। ସେହିପରି ସାଗରଙ୍କୁ ମଧ୍ୟ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ପୋଲିସ ତଦନ୍ତ ପରେ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ସାଗରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ

ନବରଙ୍ଗପୁର,୧୫।୨(ବି.ପ୍ର.)

ନବରଙ୍ଗପୁର କେନ୍ଦ୍ରୀୟ ବିଦ୍ୟାଳୟର ଚଳିତ ବର୍ଷ ଦ୍ୱିତୀୟ ପରିଚାଳନା କମିଟି ବୈଠକ ଜିଲାପାଳ ତଥା କମିଟି ଅଧ୍ୟକ୍ଷ ଡ. କମଳ ଲୋଚନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସିପାଲ ମଣ୍ଟୁ କୁମାର ବିବରଣୀ ଉପସ୍ଥାପନ କରିଥିଲେ। ସ୍କୁଲରେ ଦୀର୍ଘଦିନର ଦାବି ସ୍ୱରୂପ ବିଏସ୍‌ଏନ୍‌ଏଲ୍‌ର ଲ୍ୟାଣ୍ଡଲାଇନ ସଂଯୋଗ ହୋଇଛି ବୋଲି ପ୍ରିନ୍ସିପାଲ ସୂଚନା ଦେଇଛନ୍ତି। ବିଦ୍ୟାଳୟ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ଲାଗିଥିଲା। ତାହା ଏବେ ଆଉ କାର୍ଯ୍ୟକ୍ଷମ ହେଉନାହିଁ। ଏ ନେଇ ଜିଲାପାଳ ଟାଟା ପାୱାର ସହ ସିଧାସଳଖ କଥା ହୋଇ ସ୍ଥାୟୀ ସମାଧାନ ପାଇଁ ଗୁରୁତ୍ୱ ଦେଇଥିଲେ। ଅଭିଭାବକମାନଙ୍କ ପାଇଁ ବିଦ୍ୟାଳୟ ମୁଖ୍ୟ ଫାଟକ ନିକଟରେ ବିଶ୍ରାମଗୃହ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ପ୍ରସ୍ତାବ ଏମ୍‌ପିଙ୍କୁ ଲିଖିତ ଭାବେ ଜଣାଇବା ପାଇଁ ଜିଲାପାଳ ପ୍ରିନ୍ସିପାଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏମ୍‌ପି ପାଣ୍ଠିରୁ ଅନୁଦାନ ପାଇଁ ଲିଖିତ ଭାବେ ଜଣାଇବାକୁ କହିଥିଲେ। ବିଦ୍ୟାଳୟର ରଙ୍ଗ(ଚୂନ ଲେପନ), କବାଟ, ଝରକା, ବର୍ଷା ପାଣି ସଞ୍ଚିତ, ଅଗ୍ନି ନିର୍ବାପକ ପାଇଁ ହେବାକୁ ଥିବା ଖର୍ଚ୍ଚ ସହ ଅନ୍ୟ ଖର୍ଚ୍ଚ ଉପରେ ପ୍ରିନ୍ସିପାଲ ବିବରଣୀ ପ୍ରଦାନ କରିଥିଲେ। ଏହି ବୈଠକରେ ଜିଲା ସିଡିଏମ୍‌ଓ କାଳୀ ପ୍ରସାଦ ବେହେରା, ଅଭିଭାବକ ପ୍ରତିନିଧି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଭାତି ବିଷୋୟୀଙ୍କ ସମେତ ଶିକ୍ଷକ ପ୍ରତିନିଧି କେ. କରୁଣ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ ଓ ଅନ୍ୟମାନେ।

## ମାଘ ପୂର୍ଣ୍ଣିମାରେ ନୀଳକଣ୍ଠେଶ୍ୱରଙ୍କ ଜାଗରମେଳା



ପଦ୍ମପୁର, ୧୫।୨ (ଡି.ଏନ୍.ଏ.)

**ଅଦ୍ଭୁତ ପରମ୍ପରା**

ଶିବରାତ୍ରିରେ ସମସ୍ତ ଶୈବପୀଠରେ ଜାଗରମେଳା ଅନୁଷ୍ଠିତ ହୋଇଥାଏ। ତେବେ ରାୟଗଡ଼ା ଜିଲା ଗୁମୁଡ଼ା ନିକଟ ନୀଳକଣ୍ଠପୁରଠାରୁ ମାତ୍ର ୧ କି.ମି. ଦୂରରେ ଅବସ୍ଥିତ ନୀଳକଣ୍ଠେଶ୍ୱର ମହାଦେବଙ୍କଠାରେ ଅଦ୍ଭୁତ ପରମ୍ପରା ଦେଖିବାକୁ ମିଳିଥାଏ। ଏଠାରେ ପ୍ରତ୍ୟେକ ବର୍ଷ ଶିବରାତ୍ରି ବଦଳରେ ଏହାର ୧୫ ଦିନ ପୂର୍ବରୁ ଅର୍ଥାତ୍ ମାଘ ପୂର୍ଣ୍ଣିମାରେ ଗଦ୍‌ଗଦା ଯାତ୍ରା ତଥା ଜାଗରଯାତ୍ରା ଅନୁଷ୍ଠିତ ହୋଇଥାଏ। ଏଠାରେ ଜଙ୍ଗଲ, ଝରଣା ବେଷ୍ଟିତ ପାହାଡ଼ ଖୋଲ ମଧ୍ୟରେ ଶିବଲିଙ୍ଗ ନୀଳକଣ୍ଠେଶ୍ୱର ମହାଦେବ ନାମରେ ପୂଜା ପାଉଛନ୍ତି। ମାଘ ପୂର୍ଣ୍ଣିମାରେ ଅନୁଷ୍ଠିତ ହେଉଥିବା ଗଦ୍‌ଗଦା ଯାତ୍ରା ବହୁ ପୁରାତନ। ଚଳିତବର୍ଷ ଯାତ୍ରା ଫେବୃୟାରୀ ୧୬ ବୁଧବାର ଅନୁଷ୍ଠିତ ହେଉଛି। କରୋନା ଗାଇଡ୍‌ଲାଇନ ମାନି ଶ୍ରଦ୍ଧାଳୁ ଯାତ୍ରାରେ ଯୋଗଦେବେ ବୋଲି ଜଣାପଡ଼ିଛି। କିମ୍ବଦନ୍ତୀ ଅନୁଯାୟୀ, ଏହି ଶୈବକ୍ଷେତ୍ରରେ ସନ୍ତାନ ନ ଥିବା ଲୋକେ ମାନସିକ ରଖି ପୂଜାର୍ଚ୍ଚନା କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ପ୍ରସିଦ୍ଧ ଶୈବକ୍ଷେତ୍ରକୁ ଜିଲା ଏବଂ ଜିଲା ବାହାରୁ ଶ୍ରଦ୍ଧାଳୁ ଆସିଥାନ୍ତି। ପ୍ରାକୃତିକ ପରିବେଶକୁ ଉପଭୋଗ କରିବା ସହ ମହାଦେବଙ୍କ ଦର୍ଶନ, ପିଲାଙ୍କ ମୁଣ୍ଡନ ଓ ବଣଭୋଜି କରି ସେମାନେ ଆନନ୍ଦ ପାଇଥାନ୍ତି।

## ତହସିଲ ପକ୍ଷରୁ ୧୦ ବିଦ୍ୟାଳୟକୁ ଜମି ପଟ୍ଟା ପ୍ରଦାନ

ରାୟଗଡ଼ା ଅଫିସ,୧୫।୨-

ରାଜ୍ୟ ସରକାରଙ୍କ ୫-ଟି ଅଧୀନରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକର ପୂର୍ଣ୍ଣାଙ୍ଗ ନବୀକରଣ କରାଯାଉଛି। ଏହିକ୍ରମରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକର ନିଜସ୍ୱ ପଟ୍ଟା(ଆର୍‌ଓଆର୍) ଦେବାକୁ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହା ଶୀଘ୍ର ଶେଷ କରିବାକୁ ତହସିଲଦାର ମାନଙ୍କୁ କୁହାଯାଇଛି। ରାୟଗଡ଼ା ଜିଲା ରାମନାଗୁଡ଼ା ତହସିଲ ଅଧୀନରେ ୧୦୮ ବିଦ୍ୟାଳୟ ରହିଛି। ଏଥିରେ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଅନ୍ତର୍ଭୁକ୍ତ। ତେବେ କେବଳ ୪ ବିଦ୍ୟାଳୟର ନିଜସ୍ୱ ରେକର୍ଡ ରହିଛି। ଅନେକ ବଦାନ୍ୟ ବ୍ୟକ୍ତି ପୂର୍ବରୁ କେବଳ ମୌଖିକ ସୂତ୍ରରେ ବିଦ୍ୟାଳୟ ପାଇଁ ଜମି ଦାନ କରିଛନ୍ତି। ସେଥିରେ ବିଦ୍ୟାଳୟମାନ ଗଢି ଉଠିଛି। ପ୍ରଶାସନିକ ଓ ଶିକ୍ଷା ବିଭାଗର ଅବହେଳା ଯୋଗୁ ଉକ୍ତ ବିଦ୍ୟାଳୟ ମାନଙ୍କର ନିଜସ୍ୱ ରେକର୍ଡ ହୋଇ ପାରିନାହିଁ। ଫଳରେ ସ୍କୁଲର ଭିତ୍ତିଭୂମି ଗଢ଼ି ଉଠିବାରେ ସମସ୍ୟା ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗର ମିଳିତ ପ୍ରୟାସରେ ସମସ୍ତ ସ୍କୁଲର ଆର୍‌ଓଆର୍ କରିବା ପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ଓ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ତହସିଲଦାର ପ୍ରଭାତି ଝୋଡ଼ିଆ ସମସ୍ତ ଜମିଦାତା ତଥା ତାଙ୍କର ଉତ୍ତରାଧିକାରୀ ମାନଙ୍କୁ ସାକ୍ଷାତ କରିଥିଲେ। ଦାତା ପୁନର୍ବାର ବିଦ୍ଧିବଦ୍ଧ ଭାବରେ ସମ୍ପୃକ୍ତ ବିଦ୍ୟାଳୟ ଗୁଡ଼ିକ ପାଇଁ ଜମି ରେଜିଷ୍ଟ୍ରେଶନ କରିଥିଲେ। ଏଥିରେ ଗୁଣପୁର ଉପନିବନ୍ଧକ ସହାୟତା ପ୍ରଦାନ କରିଥିଲେ। ପରେ ମ୍ୟୁଟେସନ କରାଯାଇ ୧୦ ବିଦ୍ୟାଳୟକୁ ତହସିଲଦାର ପଟ୍ଟା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଫର୍‌ଦିନନ୍ଦ ଏକ୍କା, ରାଜସ୍ୱ ସୁପ୍ରଭାଇଜର ଶରତ ଚନ୍ଦ୍ର ଆନନ୍ଦ, ରାଜସ୍ୱ ସହାୟକ ଗୁପ୍ତା ପ୍ରସାଦ ପାଣିଗ୍ରାହୀ, ବିଇଓ ସୁଜନ କୁମାର ମଲ୍ଲିକ, ଏବିଇଓ ଦାମୋଦର ହିମିରିକା ପ୍ରମୁଖ ସହୋଯଗ କରିଥିଲେ ।

## ଗଛରେ ଚଢ଼ିଗଲା ଭାଲୁ

ଉମରକୋଟ, ୧୫।୨(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ବୁର୍ଜାରେ ପୁଣି ଭାଲୁ ଆତଙ୍କ ଦେଖାଦେଇଛି। ବୁର୍ଜାରୁ ମାତ୍ର ୩ କିଲୋମିଟର ଦୂର କୁସୁମଗୁଡା ଗାଁ ନିକଟ ଏକ ମକାବାଡ଼ ଭିତରେ ପଶି ଭାଲୁ ମକା ଖାଉଥିଲା। ଏହା ଦେଖି ଗ୍ରାମବାସୀ ଭାଲୁକୁ ଘଉଡାଇଥିଲେ। ଭୟରେ ଭାଲୁଟି ଏକ ନୀଳଗିରି ଗଛ ଉପରେ ଚଢି ଯାଇଥିଲା। ଖବରପାଇ ଉମରକୋଟ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନାୟକ ବନ ବିଭାଗ କର୍ମଚାରୀଙ୍କୁ ଧରି ଘଟଣା ସ୍ଥଳରେ ପହଞ୍ଚି ଗଛ ତଳେ ଥିବା ଲୋକଙ୍କୁ ଘଉଡାଇଥିଲେ। ଭାଲୁ ଏବେ ୪୦ ଫୁଟ୍ ଉପରେ ରହିଛି। ବନ ବିଭାଗ କର୍ମଚାରୀ ଭାଲୁକୁ ଗଛରୁ ଓହ୍ଲାଇବା ଚେଷ୍ଟା ଜାରି ରଖିଛନ୍ତି।

## ପୋଡ଼ିଥିବା ଯୁବତୀଙ୍କୁ ଅଧା ରାସ୍ତାରେ ଛାଡ଼ି ଚାଲିଗଲେ

ବେହେରା,୧୫।୨(ଡି.ଏନ.ଏ.)

**ହାଇଦ୍ରାବାଦ ଇଟାଭାଟିରେ କାମ ପାଇଁ ଯାଇଥିଲେ**

ଦାଦନ ଶ୍ରମିକଙ୍କ ଦୁଃଖ ଅନ୍ତ ହେଉନାହିଁ। ହାଇଦ୍ରାବାଦର ଏକ ଇଟାଭାଟିରେ କାମ କରିବାକୁ ଯାଇଥିବା ଯୁବତୀ ରୋଷେଇ ବେଳେ ପୋଡ଼ିଯାଇଥିଲେ। ଇଟାଭାଟି ମାଲିକ ବିନା ଚିକିତ୍ସାରେ ତାଙ୍କୁ ଘରକୁ ପଠାଇ ଦେଇଥିବା ଜଣାପଡ଼ିଛି। ମଙ୍ଗଳବାର ସକାଳେ ହାଇଦ୍ରାବାଦରୁ ବସ୍‌ରେ ଆଣି ଅଧା ବାଟରେ କଳାହାଣ୍ଡି ଜିଲା ବେହେରାଠାରେ ପୀଡିତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଓହ୍ଲାଇ ଚାଲିଯାଇଥିଲେ। ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖି ସ୍ଥାନୀୟ ଲୋକେ ସାହାଯ୍ୟ କରିଥିଲେ। ସମାଜସେବୀ ତ୍ରିଲୋକ ସିଂହ ପହଞ୍ଚି ଆମ୍ବୁଲାନ୍ସକୁ କଲକରି ପର୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ।

ସୂଚନା ଅନୁସାରେ ପୀଡିତା ସନ୍ତୋଷୀ ଗୌଡଙ୍କ ଘର ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପାଳିଆ ପଞ୍ଚାୟତ ବଡପାଳିଆ ଗ୍ରାମରେ। ବାପା ଜଗନ ଗୌଡ ଓ ମା'ଙ୍କ ସହ ସେ ହାଇଦ୍ରାବାଦର ନାରିଙ୍ଗଗିରିର ଏକ ଇଟାଭାଟିକୁ କାମ କରିବା ପାଇଁ ଯାଇଥିଲେ। ତାଙ୍କ ଗ୍ରାମର ଜଣେ ଠିକାଦାର ସେମାନଙ୍କୁ ହାଇଦ୍ରାବାଦସ୍ଥିତ ଉକ୍ତ ଇଟାଭାଟିକୁ ନେଇ କାମ କରାଉଥିବା ପୀଡିତାଙ୍କ ବାପା କହିଛନ୍ତି। ସେଠାରେ ରୋଷେଇ କରୁଥିବା ବେଳେ ହଠାତ ଗ୍ୟାସ ଲିକ ହୋଇ ସନ୍ତୋଷୀଙ୍କ ଶରୀର ପୋଡ଼ିଯାଇଥିଲା। ବିନା ଚିକିତ୍ସାରେ ଇଟାଭାଟି ମାଲିକ ପୀଡିତାଙ୍କୁ ଘରକୁ ନେଇଯିବାକୁ ବାଧ୍ୟବାଧକତା କରି ବସ୍‌ରେ ବସାଇଦେଲେ। କାମ କରିଥିବା ଟଙ୍କା ବି ଦେଲାନି ବୋଲି ପୀଡିତାଙ୍କ ବାପା ଅଭିଯୋଗ କରିଛନ୍ତି।

# ମାଓବାଦୀପ୍ରବଣ ୩ ବ୍ଲକରେ ଭୋଟ ପାଇଁ କଡ଼ା ସୁରକ୍ଷା

ରାୟଗଡ଼ା ଅଫିସ,୧୫।୨-

■ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପୋଲିସ, ପ୍ରଶାସନ ପ୍ରସ୍ତୁତ
■୪୬ ଅତି ସମ୍ବେଦନଶୀଳ, ୮୭ ସମ୍ବେଦନଶୀଳ ବୁଥ୍

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ବୁଧବାରଠାରୁ ଆରମ୍ଭ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାୟଗଡ଼ା ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଅବାଧ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ସମସ୍ତ ପ୍ରସ୍ତୁତି କରାଯାଇଥିବା ମଙ୍ଗଳବାର ଜିଲାପାଳ ସରୋଜ କୁମାର ମିଶ୍ର ଏବଂ ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜିଲାର ବିଷମକଟକ, ମୁନିଗଡ଼ା ଓ ଚନ୍ଦ୍ରପୁର ବ୍ଲକର ୫୫୪ ବୁଥ୍‌ରେ ହେବ ଭୋଟ ଗ୍ରହଣ ହେବ। ଏଥିରେ ୩ ବ୍ଲକର ୫ ଜୋନ୍‌ର ଜିଲା ପରିଷଦ ଆସନ, ୪୬ ଲେଖାଏ ସରପଞ୍ଚ ଓ ସମିତି ସଭ୍ୟ ସମେତ ୫୫୪ ୱାର୍ଡମେମ୍ବର ପ୍ରାର୍ଥୀଙ୍କ ନିମନ୍ତେ ୧ଲକ୍ଷ ୫୨ହଜାର ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ।

ପ୍ରଥମ ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବାକୁ ଥିବା ୩ ବ୍ଲକର ୫୫୪ ବୁଥ୍ ମଧ୍ୟରେ ୪୬ଟି ଅତି ସମ୍ବେଦନଶୀଳ ଓ ୮୭ ଟି ସମ୍ବେଦନଶୀଳ ବୁଥ୍ ରହିଛି। ସୁରକ୍ଷା ଦୃଷ୍ଟିରୁ ୧୧ ବୁଥ୍‌କୁ ସ୍ଥାନାନ୍ତର କରାଯାଇଥିବା ବେଳେ ଉକ୍ତ ବୁଥ୍ ଗୁଡ଼ିକର ଭୋଟର ଓ ପ୍ରାର୍ଥୀମାନଙ୍କୁ ଏ ବିଷୟରେ ଅବଗତ କରାଯାଇଥିବା ଜିଲାପାଳ ପ୍ରକାଶ କରିଛନ୍ତି। ୫୫୪ ବୁଥ୍ ନିମନ୍ତେ ୧୬୬୨ ପୋଲିଂ ଅଧିକାରୀଙ୍କ ସମେତ ୫୫୪ ପୋଲିସ କର୍ମଚାରୀଙ୍କୁ ମିଶାଇ ମୋଟ ୨୨୧୬ଜଣଙ୍କୁ ନିୟୋଜିତ କରାଯାଇଛି। ରାୟଗଡ଼ା ଜିଲାରେ ଫେବୃୟାରୀ ୧୬ରେ ମୁନିଗୁଡ଼ା, ବିଷମକଟକ, ଚନ୍ଦ୍ରପୁର, ୧୮ରେ ଗୁଣପୁର ଓ ରାମନାଗଡ଼ା, ୨୦ରେ କାଶିପୁର ଓ କଲ୍ୟାଣସିଂହପୁର, ୨୨ରେ ରାୟଗଡ଼ା ଓ କୋଲନରା ଏବଂ ୨୪ରେ ପଦ୍ମପୁର ଓ ଗୁଡାରୀ ବ୍ଲକରେ ଭୋଟ ଗ୍ରହଣ ହେବ। ଏଥି ନିମନ୍ତେ ଜିଲାର ୨୨ ଜିଲା ପରିଷଦ ଜୋନ୍, ୧୮୨ ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟ ସମେତ ୨୨୦୨ଟି ୱାର୍ଡରେ ୱାର୍ଡମେମ୍ବର ଆସନ ନିମନ୍ତେ ମତଦାନ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରିଚାଳନା ନିମନ୍ତେ ୩୭୦୦ ପୋଲିଂ ଅଧିକାରୀଙ୍କ ସମେତ ସଂରକ୍ଷିତ ଥିବା ୧୦ ପ୍ରତିଶତକୁ ମିଶାଇ ମୋଟ ୪୧୧୦ ପୋଲିଂ ଅଫିସିଆଲ ନିୟୋଜିତ ହୋଇଛନ୍ତି।

ମାଓବାଦୀ ପ୍ରବଣ ବିଷମକଟକ, ମୁନିଗୁଡ଼ା ଓ ଚନ୍ଦ୍ରପୁର ବ୍ଲକରେ ଭୋଟ ଗ୍ରହଣ ହେଉଥିବାରୁ ସମସ୍ତ ପୋଲିଂ ଅଧିକାରୀ ଓ ପୋଲିସ କର୍ମଚାରୀଙ୍କ ସମେତ ଭୋଟରମାନଙ୍କୁ ସୁରକ୍ଷିତ ରଖିବା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଏସ୍‌ପି କହିଛନ୍ତି। ଉକ୍ତ ୩ଟି ବ୍ଲକର ସ୍ୱତନ୍ତ୍ର ପଞ୍ଚାୟତ ପାଇଁ ପୋଲିସ ମୋବାଇଲ ପାର୍ଟି ଗଠନ କରାଯାଇଥିବା ବେଳେ କିଛି ପଞ୍ଚାୟତକୁ ମିଶାଇ ଗୋଟିଏ ଗୋଟିଏ ସେକ୍ଟର ଗଠନ ହୋଇଛି। ଏହି ସେକ୍ଟରମାନଙ୍କରେ ଜଣେ ଲେଖାଏ ସେକ୍ଟର ଅଧିକାରୀ ଏବଂ ଜଣେ ଲେଖାଏ ସୁପରଭାଇଜିଂ ଅଧିକାରୀଙ୍କୁ ନିୟୋଜିତ କରାଯିବାର ବ୍ୟବସ୍ଥା କରାଯାଇଛି। ସେହିପରି ମାଓବାଦୀଙ୍କ ଗତିବିଧିକୁ ନଜରରେ ରଖି ପ୍ରଥମ ପର୍ଯ୍ୟାୟରେ ୩ ବ୍ଲକରେ ଏସ୍‌ଓଜି, ସିଆର୍‌ପିଏଫ୍ ଓ ଡିଭିଏଫ୍‌ଙ୍କ ଦ୍ୱାରା ପୂର୍ବରୁ ୧୧ଟି ଅପରେଶନ ଯୋଜନା ହୋଇସାରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ କାଶିପୁର ଓ କଲ୍ୟାଣସିଂହପୁର ବ୍ଲକରେ ୭ଟି ଅପରେଶନ ଯୋଜନା କରାଯିବ ବୋଲି ଏସ୍‌ପି କହିଛନ୍ତି। ମାଓବାଦୀ ପ୍ରବଣ ଅଞ୍ଚଳରେ ପୋଲିସ ପକ୍ଷରୁ ଫୁଟ୍, ମଟର ସାଇକେଲ ଓ ଏଲ୍‌ଏମ୍‌ଭି ପାଟ୍ରୋଲିଂ ଜାରି ରହିଥିବାବେଳେ ଡିଆଇବିରେ କଣ୍ଟ୍ରୋଲ ରୁମ୍ ଏବଂ ମାଓବାଦୀଙ୍କ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ୨୪ ଘଣ୍ଟିଆ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଛି। ନକଲି ମାଓବାଦୀମାନେ ମାଓବାଦୀ ସଙ୍ଗଠନ ନାମରେ ଚାନ୍ଦା ମାଗିଲେ ପୋଲିସକୁ ସୂଚନା ଦେଇ ସହଯୋଗ କରିବାକୁ ଏସ୍‌ପି ଆହ୍ୱାନ କରିଛନ୍ତି।



ରାୟଗଡ଼ା ଜିଲାପାଳ ଓ ଏସ୍‌ପି ନିର୍ବାଚନ ପ୍ରସ୍ତୁତି ନେଇ ସୂଚନା ଦେଉଛନ୍ତି।

